# NATIONAL NEWS BULLETIN (ODIA)

**4 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରଙ୍ଗର ପର୍ବ ହୋଲି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ପଞ୍ଚମ ଦିନରେ ପହଞ୍ଚିଲା ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତି

- ଇରାନ ପରମାଣୁ ବୋମା ନିର୍ମାଣ କରିବାର କୌଣସି ପ୍ରମାଣ ନଥିବା ସୂଚନା

- ପଶ୍ଚିମ ଏସିଆରେ ସଂଘର୍ଷ ଯୋଗୁଁ ଫସି ରହିଥିବା ଭାରତୀୟଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଆଜି ଉଡ଼ାଣ କରିବ ୫୮ଟି ବିମାନ

ଏବଂ

- ଫେବୃୟାରୀ ୨୮ ପରଠାରୁ ଇରାନରେ ୧ ହଜାର ୯୭ ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ

## ହୋଲି

ରଙ୍ଗର ପର୍ବ ହୋଲି ଆଜି ଦେଶବ୍ୟାପୀ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି । ପାପ ଉପରେ ପୁଣ୍ୟର ବିଜୟ ଏବଂ ବସନ୍ତ ଋତୁର ଆରମ୍ଭକୁ ଏହି ପର୍ବ ସୂଚିତ କରୁଛି । ଜାତି-ଧର୍ମ-ବର୍ଣ୍ଣ-ବୟସ-ଲିଙ୍ଗ

ନିର୍ବିଶେଷରେ ସମାଜର ସବୁ ବର୍ଗ’ ହୋଲି ପର୍ବକୁ ଆନନ୍ଦର ସହ ପାଳନ କରୁଥିବାରୁ ଏହା ସମାଜରେ ସମାନତା ଏବଂ ଭ୍ରାତୃତ୍ୱ ଭାବକୁ ପ୍ରତିଫଳନ କରୁଛି । ପରସ୍ପରକୁ ରଙ୍ଗ ବୋଳି ଏବଂ ମିଠା ଖୁଆଇ ଲୋକମାନେ ହୋଲି ଅଭିନନ୍ଦନ ଆଦାନ ପ୍ରଦାନ କରୁଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି ପି ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ହୋଲି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ ରଙ୍ଗର ପର୍ବ ଲୋକଙ୍କ ଜୀବନରେ ପ୍ରେମ ଏବଂ ଆଶା ସଞ୍ଚାର କରେ । ଏହା ଏକତା ଓ ଭାଇଚାରା ମଜବୁତ କରିଥାଏ। ଏହି ପର୍ବ ସମସ୍ତଙ୍କ ପାଇଁ ଖୁସି ଆଣିଥାଏ ଏବଂ ସମସ୍ତ ନାଗରିକଙ୍କୁ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଏକାଠି କାମ କରିବାକୁ ପ୍ରେରଣା ଦେଇଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଉପରାଷ୍ଟ୍ରପତି ସି ପି ରାଧାକୃଷ୍ଣନ୍ କହିଛନ୍ତି ଯେ ଏହି ପର୍ବ ଦେଶର ସମୃଦ୍ଧ ପରମ୍ପରାର ପ୍ରତିଫଳନ, ଯାହା ଭାଇଚାରା, ପାରସ୍ପରିକ ସମ୍ମାନ ଏବଂ ସହଭାଗୀତାକୁ ପ୍ରତିଫଳିତ କରେ । ଏହି ପର୍ବ ସମାଜର ଗଠନକୁ ମଜବୁତ କରିଥାଏ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି , ହୋଲି ପର୍ବ ସମଗ୍ର ପରିବେଶକୁ ନୂତନ ଶକ୍ତିରେ ପରିପୂର୍ଣ୍ଣ କରିଥାଏ। ପ୍ରଧାନମନ୍ତ୍ରୀ କାମନା କରିଛନ୍ତି ଯେ ରଙ୍ଗର ପର୍ବ ସମସ୍ତଙ୍କ ଜୀବନରେ ଖୁସି, ସମୃଦ୍ଧି ଏବଂ ସଫଳତା ଆଣିଦେଉ ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ହୋଲିପର୍ବକୁ ସକାରାତ୍ମକ ଚିନ୍ତାଧାରା ଏବଂ ନୂତନ ଆରମ୍ଭର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି । ସେ କାମନା କରିଛନ୍ତି ଯେ ଭାରତ ପ୍ରେମ, ପ୍ରଗତି ଏବଂ ଏକତାର ରଙ୍ଗରେ ରଙ୍ଗାୟିତ ହୋଇ ରହିଥାଉ ।

ହୋଲି ପର୍ବ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କାମନା କରିଛନ୍ତି ଯେ ରଙ୍ଗର ପର୍ବ ସମସ୍ତଙ୍କ ଜୀବନରେ ପ୍ରଗତି, ସମୃଦ୍ଧି ଏବଂ ସୌଭାଗ୍ୟ ଆଣିଦେଉ ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରଙ୍ଗର ପର୍ବ ହୋଲି ଦେଶ ଏବଂ ସମାଜରେ ଏକତା, ସଦଭାବ ଏବଂ ଭାଇଚାରାର ବନ୍ଧନକୁ ମଜବୁତ କରୁ ବୋଲି କାମନା କରିଛନ୍ତି ।

# ଓ୍ୱେଷ୍ଟ ଏସିଆ ଆଟାକ୍

ପଶ୍ଚିମ ଏସିଆରେ ସଂଘର୍ଷ ଆଜି ୫ମ ଦିନରେ ପହଞ୍ଚିଛି । ଇସ୍ରାଏଲ-ଆମେରିକା ମିଳିତ ସେନା ତେହେରାନର ପରମାଣୁ ସ୍ଥଳୀଗୁଡ଼ିକ ଉପରେ ଆକ୍ରମଣ କରିଥିବା ବେଳେ ଇରାନ ଡ୍ରୋନ୍ ଆକ୍ରମଣ ଜାରି ରଖିଛି । ଇସ୍ରାଏଲ ତେହେରାନରେ ଇରାନର ପରମାଣୁ ଅସ୍ତ୍ର ବିକାଶ ସ୍ଥାନରେ ଆକ୍ରମଣ କରିଥିବା ସୂଚନା ଦେଇ କହିଛି, ଏହି ଅଭିଯାନ ଆରମ୍ଭ ହେବା ପରଠାରୁ ଇସ୍ରାଏଲ୍ ବାୟୁସେନା ପ୍ରାୟ ୩୦୦ ଇରାନୀ କ୍ଷେପଣାସ୍ତ୍ର ଲଞ୍ଚରକୁ ନିଷ୍କ୍ରିୟ କରିଛି । ଇସ୍ରାଏଲ ମଧ୍ୟ ଲେବାନନରେ ହିଜବୋଲ୍ଲା ସହ ଜଡିତ ୬୦ ଟି ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିଛି ।

ଅନ୍ୟପକ୍ଷରେ, ଇରାନ ପଶ୍ଚିମ ଏସିଆର ଅନେକ ଦେଶ ଉପରେ ଆକ୍ରମଣ ଜାରି ରଖିଛି। ସଂଯୁକ୍ତ ଆରବ ଏମିରେଟ୍ସର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଗତକାଲି ୧୧ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ୧୨୩ଟି ଡ୍ରୋନ୍‌କୁ ଅବରୋଧ କରିଛି ।

## ୟୁକେ ଫ୍ରାନ୍ସ ସାଇପ୍ରସ୍

ପଶ୍ଚିମ ଏସିଆରେ ଇରାନ ଏବଂ ମିଳିତ ଆମେରିକା-ଇସ୍ରାଏଲ ସେନା ମଧ୍ୟରେ ଚାଲିଥିବା ସଂଘର୍ଷ ସମୟରେ ସାଇପ୍ରସ ଉପରେ ଆକ୍ରମଣ ହେବା ପରେ ଆମେରିକା ଏବଂ ଫ୍ରାନ୍ସ ସେଠାରେ ଯୁଦ୍ଧଜାହାଜ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ମୁତୟନ କରୁଛନ୍ତି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର କହିଛନ୍ତି ଯେ ସାଇପ୍ରସ ଏବଂ ସେଠାରେ ଅବସ୍ଥାପିତ ବ୍ରିଟିଶ ସାମରିକ କର୍ମଚାରୀଙ୍କ ସୁରକ୍ଷା ପାଇଁ ବ୍ରିଟେନ୍ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ସେ କହିଛନ୍ତି, ବ୍ରିଟେନ୍ ଏହାର ପ୍ରତିରକ୍ଷା ଅଭିଯାନ ଜାରି ରଖିଛି।

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଧ୍ୟ ଫ୍ରାନ୍ସର ବିମାନ ଚାର୍ଲ୍ସ ଡି ଗଲକୁ ଭୂମଧ୍ୟସାଗରକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ମାକ୍ରନ କହିଛନ୍ତି ଯେ ଫ୍ରାନ୍ସ ଏହି ଅଞ୍ଚଳରେ ତାର ସହଯୋଗୀଙ୍କ ସହିତ ସେମାନଙ୍କର ସୁରକ୍ଷା ଏବଂ କ୍ଷେତ୍ରୀୟ ଅଖଣ୍ଡତା ପାଇଁ ଯୋଗ ଦେଇଛି । ସାଇପ୍ରସର ରାଷ୍ଟ୍ରପତି ନିକୋସ କ୍ରିଷ୍ଟୋଡୋଲିଡେସ ମଧ୍ୟ ସମର୍ଥନ ପାଇଁ ତାଙ୍କ ଫରାସୀ ପ୍ରତିପକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି ।

## ୟୁଏସ୍ କମାଣ୍ଡର

ଆମେରିକାର  କେନ୍ଦ୍ରୀୟ କମାଣ୍ଡ୍'ର କମାଣ୍ଡର ଆଡମିରାଲ ବ୍ରାଡ କୁପର କହିଛନ୍ତି , ଇରାନର ପ୍ରତିରୋଧ କରିବାର କ୍ଷମତା ଦ୍ରୁତ ଗତିରେ ହ୍ରାସ ପାଉଥିବା ବେଳେ ଆମେରିକା କିନ୍ତୁ ଅଟକିବ ନାହିଁ । ଏପିକ ଫ୍ୟୁରି ଅଭିଯାନ ବିଷୟରେ ସୂଚନା ଦେଇ ଆମେରିକୀୟ କମାଣ୍ଡର କହିଛନ୍ତି ଯେ ଏହି ଅଭିଯାନର  ୧୦୦ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଆମେରିକା ପ୍ରାୟ ୨ ହଜାର ଲକ୍ଷ୍ୟସ୍ଥଳକୁ ୨ ହଜାରରୁ ଅଧିକ ଯୁଦ୍ଧାସ୍ତ୍ର ସହିତ ଆକ୍ରମଣ କରିଛି। ସେ କହିଛନ୍ତି ଯେ ଇରାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି ଏବଂ ସଂଖ୍ୟାଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, ଲଞ୍ଚର୍ ଏବଂ ଡ୍ରୋନ୍ ମଧ୍ୟ ନଷ୍ଟ ହୋଇଛି। ସେ  କହିଛନ୍ତି, ଆମେରିକାର ବୋମାବର୍ଷୀ ବିମାନ ଇରାନର ସୀମାରେଖା ଭିତରେ  ଅନେକ କ୍ଷେପଣାସ୍ତ୍ର ପ୍ରତିଷ୍ଠାନ ଉପରେ  ସର୍ଜିକାଲ୍ ଷ୍ଟ୍ରାଇକ୍ କରିଛି ।

## ଇସ୍ରାଏଲ୍ ଆଟାକ ଇରାନ୍

ଇସ୍ରାଏଲ' ଇରାନ ଅଧୀନସ୍ଥ ତେହେରାନରେ ଥିବା ବାସିଜ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା କମାଣ୍ଡ କେନ୍ଦ୍ର ଉପରେ  ଆକ୍ରମଣ କରିଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀର ସୂଚନା ଅନୁଯାୟୀ  ଟାର୍ଗେଟ କରାଯାଇଥିବା କମାଣ୍ଡ କେନ୍ଦ୍ରଗୁଡ଼ିକୁ ଇରାନ  ନିଜ ନିୟନ୍ତ୍ରଣରେ ବ୍ୟବହାର କରୁଥିଲା।  ଇସ୍ରାଏଲୀ ବାୟୁସେନା  ଆକ୍ରମଣ ଜାରି ରଖିଥିବା ସୂଚନା ଦେଇଛି । ଇସ୍ରାଏଲୀ ବାୟୁସେନା ପୁଣି ବେରୁଟ୍‌ରେ ହିଜବୋଲାର ଭିତ୍ତିଭୂମି ଉପରେ ମଧ୍ୟ ଆକ୍ରମଣ ଆରମ୍ଭ କରିଥିବା ସୂଚନା ମିଳିଛି ।

# ଆଇଏଇଏ ଡିଜି ଇରାନ ନିଉକ୍ଲିୟର୍

ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂଘର ମହାନିର୍ଦ୍ଦେଶକ ରାଫେଲ ମାରିଆନୋ ଗ୍ରୋସି କହିଛନ୍ତି ଯେ ଇରାନ ପରମାଣୁ ବୋମା ନିର୍ମାଣ କରିବାର କୌଣସି ପ୍ରମାଣ ନାହିଁ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଇରାନର ୟୁରାନିୟମର ବିଶାଳ ଭଣ୍ଡାର ଏବଂ ନିରୀକ୍ଷକମାନଙ୍କୁ ପ୍ରବେଶ ଅନୁମତି ନ ଦେବା ଚିନ୍ତାର କାରଣ ପାଲଟିଛି । ଶ୍ରୀ ଗ୍ରୋସି ତାଙ୍କର ପୂର୍ବ ରିପୋର୍ଟଗୁଡ଼ିକରେ ଏହି ବିଷୟ ଉପସ୍ଥାପନ କରାଯାଇଛି । ସେ କହିଛନ୍ତି, ଯେପର୍ଯ୍ୟନ୍ତ ଇରାନ ବାକି ଥିବା ସୁରକ୍ଷା ସମସ୍ୟାଗୁଡ଼ିକର ସମାଧାନରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତିସଂଘକୁ ସହାୟତା କରିବ ନାହିଁ, ସେପର୍ଯ୍ୟନ୍ତ  ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ବୋଲି କୁହାଯାଇ ପାରିବ ନାହିଁ ।

# ଆଫଗାନ ତାଲିବାନ କମାଣ୍ଡର କିଲ୍ଡ

ଉତ୍ତର-ପଶ୍ଚିମ ପାକିସ୍ତାନର ତୋରଖାମ ସୀମା ନିକଟରେ ଏକ ଅଭିଯାନ ସମୟରେ ପାକିସ୍ତାନ ସେନା ଦ୍ୱାରା ଆଫଗାନ ତାଲିବାନର ଜଣେ କମାଣ୍ଡରଙ୍କୁ ହତ୍ୟା କରାଯାଇଛି। ସୁରକ୍ଷା ଅଧିକାରୀଙ୍କ ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଏକ ଅଭିଯାନ ସମୟରେ କହରମାନ ନାମକ ଏକ ସଂଗଠନର କମାଣ୍ଡର ଏବଂ ତାଙ୍କ ସହଯୋଗୀମାନଙ୍କୁ ନିପାତ କରାଯାଇଥିଲା, ଯେତେବେଳେ ସେମାନେ ସୀମା ନିକଟକୁ ଯିବାକୁ ଉଦ୍ୟମ କରୁଥିଲେ। ତୋରଖାମ ହେଉଛି ପାକିସ୍ତାନର ଖାଇବର

ପଖତୁନଖ୍ୱା ପ୍ରଦେଶ ଏବଂ ଆଫଗାନିସ୍ତାନର ନାଙ୍ଗରହାର ପ୍ରଦେଶ ମଧ୍ୟରେ ଏକ ପ୍ରମୁଖ ସୀମା ଅତିକ୍ରମସ୍ଥଳୀ ।

## ଇରାନ୍ ଓ୍ୱାର୍ସିପ୍ ରେସ୍କ୍ୟୁ

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶ୍ରୀଲଙ୍କା' ଇରାନର ଏକ ଯୁଦ୍ଧ ଜାହାଜକୁ ସହାୟତା କରିବା ପାଇଁ ଗାଲେର ଦକ୍ଷିଣ ଉପକୂଳରୁ ପ୍ରାୟ ୪୦ ନଟିକାଲ୍ ମାଇଲ୍ ଦୂରରେ ନିଜର ଯୁଦ୍ଧ ଜାହାଜ ଓ ବିମାନ ନିୟୋଜିତ କରିଛି । ପ୍ରତିରକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶ କ୍ରମେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା ଏବଂ ସେଥିରେ ଶ୍ରୀଲଙ୍କା ନୌସେନା ପକ୍ଷରୁ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ କରାଯାଇଥିବା ସୂଚନା ମିଳିଛି । ଶ୍ରୀଲଙ୍କା ବୈଦେଶିକ ମନ୍ତ୍ରୀ କହିଛନ୍ତି, ଦୁର୍ଘଟଣାଗ୍ରସ୍ତ ଜାହାଜରେ ଥିବା ୧୮୦ ଜଣଙ୍କ ମଧ୍ୟରୁ ୩୦ ଜଣଙ୍କୁ ଉଦ୍ଧାର କରାଯାଇଛି ।

## ଇଣ୍ଡିଆ ଫ୍ଲାଇଟ୍ସ

ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଫସି ରହିଥିବା ଯାତ୍ରୀଙ୍କ ପରିବହନକୁ ସହଜ କରିବା ପାଇଁ ଭାରତୀୟ ବିମାନ କମ୍ପାନୀଗୁଡ଼ିକ ଆଜି ଭାରତ ଏବଂ ଉପସାଗରୀୟ ଅଞ୍ଚଳ ମଧ୍ୟରେ ୫୮ଟି ବିମାନ ଉଡ଼ାଣ କରିବେ । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଇଣ୍ଡିଗୋ ଦ୍ୱାରା ୩୦ଟି ଏବଂ ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ ଦ୍ୱାରା ୨୩ଟି ଉଡ଼ାଣ କରାଯିବ ବୋଲି ଜଣାପଡ଼ିଛି ।

# ଇରାନ ଡେଥ୍

ଆମେରିକା ସ୍ଥିତ ମାନବାଧିକାର କର୍ମୀ ସମ୍ବାଦ ସଂସ୍ଥା କହିଛି ଯେ ଫେବୃଆରୀ ୨୮ ପରଠାରୁ ଇରାନରେ ୧ ହଜାର ୯୭ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଅଧିକାର ସଂଗଠନ କହିଛି ଯେ ମୃତକଙ୍କ ମଧ୍ୟରୁ ୧୮୧ ଜଣ ୧୦ ବର୍ଷରୁ କମ୍ ବୟସର ଶିଶୁ ଥିଲେ। ଏହା ସହିତ, ୧୦୦ ଜଣ ଶିଶୁ ସମେତ ସାଧାରଣ ନାଗରିକ ଆହତଙ୍କ ସଂଖ୍ୟା ୫ ହଜାର ୪୦୨ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ସାମରିକ ଘାଟି, ଚିକିତ୍ସା କେନ୍ଦ୍ର ଏବଂ ଆବାସିକ ଅଞ୍ଚଳରେ ୧୦୪ ଟି ଆକ୍ରମଣ ହୋଇଥିବା ସଂଗଠନ କହିଛି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁଏତର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାର ଉଲ୍ଲଂଘନକୁ ନିନ୍ଦା କରିଛନ୍ତି। ଗତକାଲି କୁଏତର ଯୁବରାଜ ଶେଖ ସବା ଅଲ-ଖାଲେଦ ଅଲ-ହମାଦ ଅଲ-ମୁବାରକ ଅଲ-ସବାଙ୍କ ସହ ଫୋନ୍ ଯୋଗେ କଥାବାର୍ତ୍ତା କରି ସେ କହିଛନ୍ତି ଯେ ଭାରତ ଏହି କଷ୍ଟକର ସମୟରେ କୁଏତର ଲୋକଙ୍କ ସହିତ ରହିଛିଛି। ଶ୍ରୀ ମୋଦି ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବାରେ ଆଲୋଚନା ଏବଂ କୂଟନୀତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଫିନ୍‌ଲ୍ୟାଣ୍ଡ୍ ପ୍ରେଜ୍ ଭିଜିଟ୍

ଫିନଲ୍ୟାଣ୍ଡର ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍ ଆଜି ସକାଳେ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ବୈଦେଶିକ ବ୍ୟାପାର

ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ତାଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିବା ସହ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଶ୍ରୀ ଷ୍ଟବ୍ ରାଇସିନା ବାର୍ତ୍ତାଳାପ ୨୦୨୬ରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଉଛନ୍ତି ।

ନୂଆଦିଲ୍ଲୀରେ ପହଞ୍ଚିବା ପରେ, ଶ୍ରୀ ଷ୍ଟବ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ତାଙ୍କର ଏହି ଗସ୍ତ ଫିନଲ୍ୟାଣ୍ଡ ଏବଂ ଭାରତ ମଧ୍ୟରେ ବାଣିଜ୍ୟ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଥିବା ସମ୍ପର୍କକୁ ଆହୁରି ଦୃଢ଼ କରିବ ।

ଫିନଲ୍ୟାଣ୍ଡର ରାଷ୍ଟ୍ରପତିଙ୍କୁ ଭାରତରେ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି , ତାଙ୍କର ଗସ୍ତ ଭାରତ-ଫିନଲ୍ୟାଣ୍ଡ ସମ୍ପର୍କକୁ ନୂଆ ଦିଗ ପ୍ରଦାନ କରିବ। ଆସନ୍ତାକାଲି ଉଭୟ ନେତା ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ନାଇଡୁ ମିଟିଂ

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଆଜି ବିଜୟୱାଡା ବିମାନବନ୍ଦରର ନୂତନ ଟର୍ମିନାଲ ଏବଂ ନୂଆଦିଲ୍ଲୀର ଭୋଗପୁରମରେ ଗ୍ରୀନଫିଲ୍ଡ ବିମାନବନ୍ଦର କାର୍ଯ୍ୟ ଅଗ୍ରଗତି ନିମନ୍ତେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ବୈଠକରେ ମନ୍ତ୍ରଣାଳୟ, ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ, ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ, ରାଜ୍ୟ ସରକାର ଏବଂ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କହିଛି ଯେ ବୈଠକ

ସମୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ସମୟସୀମା ସମାପ୍ତି ସୁନିଶ୍ଚିତ କରିବା ପାଇଁ ଅପରେଟରମାନଙ୍କ ସହିତ ଏକ  ସମୀକ୍ଷା କରାଯାଇଛି ।

## ଆଇଡଲ୍ ହାଣ୍ଡଓଭର୍ ୟୁକେ

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଆସମୋଲିଆନ୍ ସଂଗ୍ରହାଳୟ' ଷୋଡ଼ଶ ଶତାବ୍ଦୀର ସନ୍ଥ ତିରୁମାଙ୍କାଇ ଆଲଭର୍‌ଙ୍କ ଏକ ବ୍ରୋଞ୍ଜ ମୂର୍ତ୍ତି ଭାରତକୁ ଫେରାଇ ଦେଇଛି । ଏହି ମୂର୍ତ୍ତି ମୂଳତଃ ତାମିଲନାଡୁର ଥାଡିକୋମ୍ବୁସ୍ଥିତ ଶ୍ରୀ ସୌନ୍ଦରରାଜା ପେରୁମାଲ ମନ୍ଦିରରେ ଥିଲା । ୧୯୬୭ ମସିହାରେ ସୋଥେବିର ନିଲାମରେ ସଂଗ୍ରହାଳୟ ଦ୍ୱାରା ଏହି ବ୍ରୋଞ୍ଜ ମୂର୍ତ୍ତି ଅଧିଗ୍ରହଣ କରାଯାଇଥିଲା। ଗତକାଲି ସନ୍ଧ୍ୟାରେ ଇଣ୍ଡିଆ ହାଉସରେ ଏକ ଆନୁଷ୍ଠାନିକ ହସ୍ତାନ୍ତର ଉତ୍ସବରେ ଏହି ପ୍ରକ୍ରିୟା ଶେଷ ହୋଇଥିଲା।